REGIONAL NEWS UNIT, AIR CUTTACK

Evening Bulletin (6.45 PM)

4 Novemeber – 2026

****

ମୁଖ୍ୟ ସମ୍ବାଦ

- ଅଗ୍ନିପଥ ଯୋଜନାରେ ୪ ବର୍ଷ କାର୍ଯ୍ୟକାଳ ଶେଷ ହେବାପରେ ଆଉ ଦୁଇ ବର୍ଷ ସେନାରେ ନିଯୁକ୍ତି ପାଇଁ କ୍ୟାବିନେଟ୍‌ର ମଞ୍ଜୁରି
- ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଏବଂ ଫାଷ୍ଟଟ୍ରାକ୍ କୋର୍ଟର କାର୍ଯ୍ୟକାଳ ଆଉ ୫ ବର୍ଷ ବୃଦ୍ଧି
- ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟକ୍ଷମାନଙ୍କୁ ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ମିଳିବ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି

ଏବଂ

- ରାଜ୍ୟସ୍ତରୀୟ ସାଂସ୍କୃତିକ ଶିଶୁ ମହୋତ୍ସବ ‘ମହକ-୨୦୨୬’ ଉଦ୍‌ଯାପିତ

GNR

କ୍ୟାବିନେଟ୍- ଅଗ୍ନିବୀର ଯୋଜନା

ଅଗ୍ନିପଥ ଯୋଜନାରେ ୪ ବର୍ଷ କାର୍ଯ୍ୟକାଳ ଶେଷ ହେବାପରେ ମଧ୍ୟ ଅଗ୍ନିବୀରଙ୍କୁ ଆଉ ଦୁଇ ବର୍ଷ ସେନାରେ କାର୍ଯ୍ୟ କରିବାର ସୁଯୋଗ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସି.ଡି.ଏସ୍. ଜେନେରାଲ ଏନ୍.ଏସ୍.ରାଜା ସୁବ୍ରମଣୀ କହିଛନ୍ତି, ପୂର୍ବରୁ ୪ ବର୍ଷ ପରେ ସେନାରୁ ବାହାରିବାକୁ ଥିବା ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ଅତିରିକ୍ତ ଦୁଇ ବର୍ଷର କାର୍ଯ୍ୟକାଳ ଦିଆଯିବ। ଯୋଗ୍ୟତା ଭିତ୍ତିରେ ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ପ୍ରତିରକ୍ଷା ବାହିନୀରେ ନିୟମିତ ଚାକିରି ପ୍ରଦାନ କରାଯିବ। ଅନ୍ୟ ଅଗ୍ନିବୀରମାନଙ୍କୁ ସେମାନଙ୍କ ଇଚ୍ଛା ଅନୁଯାୟୀ, ଆଉ ଦୁଇ ବର୍ଷ ପାଇଁ କାର୍ଯ୍ୟ କରିବାର ସୁଯୋଗ ମିଳିବ। ଏହି ଦୁଇବର୍ଷର କାର୍ଯ୍ୟକାଳ ସମାପ୍ତ ହେବାପରେ ଇଚ୍ଛୁକ ଏବଂ ଚୟନ ମାନଦଣ୍ଡ ପୂରଣ କରୁଥିବା ଅଗ୍ନିବୀରମାନଙ୍କୁ ନିୟମିତ ସୈନିକ ଭାବରେ ନିଯୁକ୍ତି ଦିଆଯିବ। ସି.ଡି.ଏସ୍. ଜେନେରାଲ ସୁବ୍ରମଣୀ କହିଛନ୍ତି,

- V/O –

GNR

କ୍ୟାବିନେଟ୍ – ଫାଷ୍ଟଟ୍ରାକ୍ କୋର୍ଟସ୍

ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟଗୁଡ଼ିକ ସମେତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ପାଇଁ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାର କାର୍ଯ୍ୟକାଳ ୨୦୨୬ ମସିହା ଏପ୍ରିଲ୍

ପହିଲାରୁ ୨୦୩୧ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ଯୋଜନା ପାଇଁ ୩ ହଜାର ୭୮୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଯୋଜନାରେ ବିଭିନ୍ନ ଅଂଶଗ୍ରହଣକାରୀ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୮୫୦ଟି ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ କାର୍ଯ୍ୟକ୍ଷମ କରିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମଧ୍ୟ ସାମିଲ୍ ଅଛି । ଦୁଷ୍କର୍ମ ଏବଂ ପୋକ୍ସୋ ଆଇନ, ୨୦୧୨ ଅଧୀନରେ ଥିବା ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ଫଇସଲାପାଇଁ ଏଥିରେ ଜଣେ ସ୍ୱତନ୍ତ୍ର ବିଚାର ବିଭାଗୀୟ ଅଧିକାରୀ, ଜଣେ ସ୍ୱତନ୍ତ୍ର ସରକାରୀ ଓକିଲ ଏବଂ ୬ ଜଣ ସହାୟକ କର୍ମଚାରୀ ରହିବାର ବ୍ୟବସ୍ଥା ରହିଛି। ଯୋଜନାର ସମ୍ପ୍ରସାରଣଦ୍ୱାରା ଯୌନ ଅପରାଧର ଶିକାର ହୋଇଥିବା ପୀଡ଼ିତାମାନଙ୍କୁ ଶୀଘ୍ର ବିଚାର ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ ହେବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। **- V/O –**

GNR

କ୍ୟାବିନେଟ୍ – ଭିସ୍ତାର

କେନ୍ଦ୍ର କ୍ୟାବିନେଟ୍’ ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପାଇଁ “ବିକଶିତ ଭାରତ ଇନିସିଏଟିଭ୍ ଫର୍ ଷ୍ଟାଟିଷ୍ଟିକାଲ୍ ଟ୍ରାନ୍ସଫର୍ମେସନ୍, ଆନାଲିଟିକ୍ସ ଆଣ୍ଡ ରିସର୍ଚ୍ଚ” - Vistar ଯୋଜନାକୁ ଅନୁମୋଦନ କରିଛନ୍ତି । ଏଥିଲାଗି ୪ ହଜାର ୩୭୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭବିଷ୍ୟତ ପାଇଁ ପ୍ରସ୍ତୁତ ଏକ ଉନ୍ନତ ସରକାରୀ ପରିସଂଖ୍ୟାନ ବ୍ୟବସ୍ଥା ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଏହି ଯୋଜନାକୁ ପ୍ରସ୍ତୁତ

କରାଯାଇଛି। ଦେଶର ସରକାରୀ ପରିସଂଖ୍ୟାନ ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

GNR

କ୍ୟାବିନେଟ୍- ସ୍ୱଚ୍ଛଶକ୍ତି

ଭାରତର ସ୍ୱଚ୍ଛଶକ୍ତି କାର୍ଯ୍ୟକ୍ରମକୁ ସଶକ୍ତ କରିବା ଲକ୍ଷ୍ୟରେ କେନ୍ଦ୍ର କ୍ୟାବିନେଟ୍ ୯୨ ଗିଗାୱାଟ୍-ଆୱାର ଶକ୍ତି ସଂରକ୍ଷଣ ଯୋଜନାକୁ ମଞ୍ଜୁରି ଦେଇଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନାରେ ୩୦ ଗିଗାୱାଟ୍-ଆୱାର ବ୍ୟାଟେରୀ ସଂରକ୍ଷଣ, ୬୦ ଗିଗାୱାଟ୍-ଆୱାର ପମ୍ପ୍ଡ୍ ସଂରକ୍ଷଣ ଏବଂ ଅଭିନବ ଶକ୍ତି ସଂରକ୍ଷଣ ପ୍ରଯୁକ୍ତିବିଦ୍ୟା ପାଇଁ ୨ ଗିଗାୱାଟ୍-ଆୱାର ସାମିଲ୍ ରହିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ରାଜ୍ୟ ସରକାରଗୁଡ଼ିକ ସହଯୋଗରେ କାର୍ଯ୍ୟକାରୀ କରାଯିବ, ଯାହାଦ୍ୱାରା ଦେଶସାରା ଶକ୍ତି ସଂରକ୍ଷଣ କ୍ଷମତାର ସମାନ ବଣ୍ଟନ ସୁନିଶ୍ଚିତ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

Desk

ଅଧ୍ୟକ୍ଷ ନିଯୁକ୍ତି- ପ୍ରୋତ୍ସାହନ ରାଶି ବୃଦ୍ଧି

ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ସ୍ଥାନ ଓ ନିଯୁକ୍ତି ଅନୁଯାୟୀ ୫ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ୬୪୧ଟି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନେ ଉପକୃତ ହେବେ।

ନିଷ୍ପତ୍ତି ଅନୁଯାୟୀ, ଯେଉଁ ଅଧ୍ୟକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଞ୍ଚଳରେ ନିଯୁକ୍ତି ପାଇଥିବେ, ସେମାନଙ୍କୁ ମାସିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ନିଜ ଜିଲ୍ଲା ବାହାରେ ନିଯୁକ୍ତି ପାଇଥିଲେ ମାସିକ ୭ ହଜାର ଟଙ୍କା ଏବଂ ନିଜ ଜିଲ୍ଲା କିମ୍ବା ଘରଠାରୁ ୩୦୦ କିଲୋମିଟର ଦୂରରେ ନିଯୁକ୍ତି ପାଇଥିଲେ ସମ୍ପୃକ୍ତ ଅଧ୍ୟକ୍ଷଙ୍କୁ ୯ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଯଦି ଭୌଗୋଳିକଭାବେ ଦୁର୍ଗମ ଅଞ୍ଚଳରେ ନିଯୁକ୍ତି ପାଇଥିବେ ସେଥିପାଇଁ ଭାରାପ୍ରାପ୍ତ ଅଧ୍ୟକ୍ଷଙ୍କୁ ମାସିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ଏ ସଂକ୍ରାନ୍ତ ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ।

I&PR

ପ୍ରମାଣଭିତ୍ତିକ ନୀତିନିର୍ଦ୍ଧାରଣ

ରାଜ୍ୟରେ ପ୍ରମାଣଭିତ୍ତିକ ନୀତିନିର୍ଦ୍ଧାରଣକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏବଂ ଅବଦୁଲ୍ ଲତିଫ ଜମିଲ ପଭର୍ଟି ଆକସନ୍ ଲ୍ୟାବ– (ଜେ–ପାଲ୍) ସାଉଥ୍ ଏସିଆ ମଧ୍ୟରେ ତିନି ବର୍ଷୀୟ। ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ଓଡ଼ିଶା ଭିଜନ–୨୦୩୬ ଓ ୨୦୪୭ ମାଧ୍ୟମରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ରାଜ୍ୟର ଭବିଷ୍ୟତ ବିକାଶର ରୂପରେଖ ପ୍ରସ୍ତୁତ କରାଯାଇଛି। ରାଜ୍ୟର ବିଭିନ୍ନ ବିଭାଗ ସହ ମିଶି ଓଡ଼ିଶାର ନୀତିଗତ ଆହ୍ୱାନଗୁଡ଼ିକର ଚିହ୍ନଟ, ବୈଜ୍ଞାନିକ ଓ ବ୍ୟାପକ ଗବେଷଣା ମାଧ୍ୟମରେ ନିର୍ଭରଯୋଗ୍ୟ ପ୍ରମାଣ ସଂଗ୍ରହ କରିବା ଏବଂ ଗବେଷଣାରୁ ମିଳୁଥିବା ନିଷ୍କର୍ଷକୁ କାର୍ଯ୍ୟକାରୀ ନୀତିଗତ ସୁପାରିସ୍‌ରେ ପରିଣତ କରିବା ଦିଗରେ ଏହା କାର୍ଯ୍ୟ କରିବ।

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ରଶ୍ମି କବି ଏବଂ ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୋଭିନୀ ମୁଖାର୍ଜୀ ଉପସ୍ଥିତ ଥିଲେ।

Nayagada

ଅଭିଯୋଗ ଶୁଣାଣି

ବୃତ୍ତଙ୍ଗ ନଦୀବନ୍ଧ ବାସଚ୍ୟୁତ ସଂଗ୍ରାମ ସମିତିର ସଦସ୍ୟମାନଙ୍କ ଅଭିଯୋଗର ଶୁଣାଣି ଆଜି ନୟାଗଡ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ନଦୀବନ୍ଧ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ପରିବାରଗୁଡ଼ିକର ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜମି ଅଧିଗ୍ରହଣ ବାବଦରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ପ୍ରଭାବିତ ଅଞ୍ଚଳରେ ସମ୍ପତ୍ତିର ସର୍ଭେ, ପୁନର୍ବାସ ଓ ପୁନଃଥଇଥାନ ପ୍ୟାକେଜ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ବୈଠକରେ ସ୍ଥାନ ପାଇଥିଲା।

BBSR/R

ମହକ ଉତ୍ସବ

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସାଂସ୍କୃତିକ ଶିଶୁ ମହୋତ୍ସବ ‘ମହକ-୨୦୨୬’ ଆଜି ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ

ପାଇଁ କନ୍ଧମାଳ ଜିଲ୍ଲାକୁ ରାଜ୍ୟସ୍ତରୀୟ ବିଜେତା ଓ ପୁରୀ ଜିଲ୍ଲାକୁ ଉପବିଜେତା ଭାବେ ପୁରସ୍କୃତ କରାଯାଇଛି । ଏକାମ୍ର ବିଧାୟକ ବାବୁ ସିଂହ କାର୍ଯ୍ୟକ୍ରମରେ ଯୋଗଦେଇ କୃତି ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ । ଆସନ୍ତାକାଲିଠାରୁ ତିନିଦିନିଆ ‘ଉତ୍ସାହ’ କାର୍ଯ୍ୟକ୍ରମ ଆରମ୍ଭ ହେବ ।

Subarnpur

ଓରମାସ୍

ଦିପାବଳୀ ପୂର୍ବରୁ ଗ୍ରାମୀଣ କାରିଗର, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀକୁ ଯୋଡ଼ିବା ଉଦ୍ଦେଶ୍ୟରେ ‘ଓରମାସ୍’ ପକ୍ଷରୁ ସୁବର୍ଣ୍ଣପୁର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସହଯୋଗରେ ସୁବର୍ଣ୍ଣପୁର ଛକଠାରେ ଏକ ଦୀପାବଳୀ ଷ୍ଟଲ୍‌ର ଆୟୋଜନ କରାଯାଇଛି । ଏହାକୁ ଜିଲ୍ଲାପାଳ ଦେବାଶିଷ ସିଂହ ଉଦ୍‌ଘାଟନ କରିଛନ୍ତି । ଏହି ଷ୍ଟଲ୍‌ରେ ବିଭିନ୍ନ ପ୍ରକାର ଆର୍ଷଣୀୟ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ପାଇଁ ରଖାଯାଇଛି ।

Desk

ବାତ୍ୟା

ଭୀଷଣ ବାତ୍ୟା ‘ମୁରାସୁ’ ଦୁର୍ବଳ ହୋଇ ଅବପାତର ରୂପ ନେଇ ପୂର୍ବ ତେଲଙ୍ଗାନା ଓ ସଂଲଗ୍ନ ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ରହିଛି । ଆଗାମୀ ୬ ଘଣ୍ଟା ମଧ୍ୟରେ ଏହା ଆହୁରି ଦୁର୍ବଳ ହୋଇ ସୁସ୍ପଷ୍ଟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା

ରହିଛି। ଏଥିସହିତ ଅନ୍ୟ ୧୭ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

DHNKL

ଭସାଣୀ ଉତ୍ସବ

ଢେଙ୍କାନାଳରେ ପ୍ରସିଦ୍ଧ ମା' ଲକ୍ଷ୍ମୀଙ୍କ ଭସାଣୀ ଉତ୍ସବ ଆଜି ଅନୁଷ୍ଠିତ ହେଉଛି। ୪୧ଟି ମେଢ଼ ମଧ୍ୟରୁ ୩୫ଟି ମେଢ଼ ମିଳିତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଛନ୍ତି। ଭସାଣୀ ଉତ୍ସବ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ପ୍ରବଳ ଜନସମାଗମ ହୋଇଛି। ଶାନ୍ତିଶୃଙ୍ଖଳାର ସହ ଏହାକୁ ସମାପନ କରିବା ଲାଗି ୨୫ ପ୍ଲାଟୁନ୍ ପୁଲିସ ମୁତୟନ ହୋଇଛନ୍ତି। ମୀନାବଜାରରୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପୂଜା କାର୍ଯ୍ୟ କରିବା ପରେ ଭସାଣୀ ଉତ୍ସବର ଶୁଭାରମ୍ଭ ହୋଇଥିଲା। କାଠଶଙ୍ଖଠାରେ ଦେବୀଙ୍କ ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି।

ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଗତକାଲି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମେଳାରେ ୫ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳର କାରିଗର, ଉଦ୍ୟୋଗୀ ଓ ସ୍ୱୟଂସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ସହ ବିକ୍ରିବଟା କରିଛନ୍ତି।

Railway

ରେଳବାଇ– ମାଲ୍ ପରିବହନ

ଭାରତୀୟ ରେଳବାଇ ଗତ ମାସରେ ସର୍ବାଧିକ ୧୪୫ ଦଶମିକ ୦/୭ ନିୟୁତ ଟନ୍ ମାଲ୍ ପରିବହନ କରି ରେକର୍ଡ ସୃଷ୍ଟି କରିଛି। ଅଧିକ ମାଲ୍ ପରିବହନ ଓ ବର୍ଦ୍ଧିତ ମାଲ୍ ପରିବହନ ଆୟ, ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ ଏବଂ ଦେଶର ଲଜିଷ୍ଟିକ୍ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ଭାରତୀୟ ରେଳବାଇର ପ୍ରୟାସକୁ ଏହା ପ୍ରତିଫଳିତ କରୁଛି। ଗତ ମାସରେ ଯାତ୍ରୀ ଯାତାୟତରେ ମଧ୍ୟ ସ୍ଥିର ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। କ୍ଷମତା ବୃଦ୍ଧି ଓ ଉନ୍ନତ ପରିଚାଳନା ଦକ୍ଷତା ମାଧ୍ୟମରେ ଭାରତୀୟ ରେଳବାଇ ଏହାର ପରିବହନ କ୍ଷମତା ଭିତ୍ତିଭୂମିକୁ ବର୍ଦ୍ଧିତ କରୁଛି।

Desk

ବନକଲାଗି

କାର୍ତ୍ତିକ କୃଷ୍ଣ ଦଶମୀ ତିଥିରେ ଆଜି ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜିଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।